# Akashvani, Sambalpur

## SAMBALPURI NEWS EVENING BULLETIN

**5.3.2025- 7.02 pm- 7.12 pm.**

********************************************

୧- ଆଏବା କାଏଲ୍ ଲକ୍ଷେ ୮୦ ହଜାର ମହିଳା ପାଏବେ ସୁଭଦ୍ରା ସାହାଜ୍ ଟଙ୍କା- ସୂଚ୍‌ନା ଦେଲେ ଉପମୁଖ୍ୟମନ୍ତ୍ରୀ ।

୨- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୦୯ ନମ୍ବର ଜୟନ୍ତୀ ଅବ୍‌ସରେ ରାଜ୍ୟବାସୀ ଜନାଲେ ଶ୍ରଦ୍ଧାଞ୍ଜଳି ।

୩- ସମ୍ବଲପୁର ପିଏଚ୍‌ଡି ପଡ଼ିଆଠାନେ ଆଏଜ୍‌ଠାନୁ ମୁଲ୍ ହଉଛେ ସୁଭଦ୍ରା ଶକ୍ତିମେଳା-୨୦୨୫ ।

ଆଉର୍

୪- ବୌଦ୍ଧନ ଚାଲିଥିବା ଡିଏସ୍ କପ୍ ଫୁଟ୍‌ବଲ୍ ଟୁର୍ନାମେଂଟଥି ବାଙ୍ଗାଲୋର ଦଲ୍ ପୁହୁଁଚିଲା ଫାଇନାଲ୍‌କେ ।

ସୁଭଦ୍ରା ସାହାଜ- ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାଥି ଆଏବାକାଏଲ୍ ଲକ୍ଷେ ୮୦ ହଜାର ମହିଳାଙ୍କୁ ସାହଜ୍ ଟଙ୍କା ବଂଟାଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଉପମୁଖ୍ୟମନ୍ତ୍ରୀ କହିଛନ୍, ସୁଭଦ୍ରା ଯୋଜ୍‌ନାର ସାହାଜ୍ ଟଙ୍କା ପାଏବାର୍‌ନୁ ବାଦ୍ ପଡ଼ିଥିବା ହିତାଧିକାରୀମାନଙ୍କୁ ଖୁଜି କରି ବାହାର୍ କରାଯିବା ଆଉ ସେମାନଙ୍କୁ ସାହାଜ୍ ଟଙ୍କା ବଂଟାଯିବା । ଆଏବା ୩୧ ତାରିଖ ଆବେଦନ୍ ପ୍ରକ୍ରିୟାକେ ବନ୍ଦ କରି କରି ସର୍ଭେ କରାଯିବା । ବିଭାଗୀୟ ଅଧିକାରୀମାନେ ଘର୍ ଘର୍ ଯାଇକରି ସର୍ଭେ କର୍‌ବେ । ଏବ୍‌ତକ୍ ସୁଭଦ୍ରା ଯୋଜ୍‌ନାଥି ୧ କୋଟି ୭ ଲାଖ୍ ମହିଳା ଆବେଦନ୍ କରି ସାରିଛନ୍ । ସର୍ଭେ ଉତ୍‌ରୁ ଯେନ୍‌ମାନେ ବାଦ୍ ପଡ଼୍‌ବେ ରାକ୍ଷୀ ପୁନି ବେଲ୍‌କେ ୩ଟା କିସ୍ତିଥି ସାହାଜ୍ ଟଙ୍କା ପାଏବେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ସୁଭଦ୍ରା ରେଲି ଆର୍‌ଏନ୍‌ୟୁ/ ସମ୍ବଲପୁର

‘ସୁଭଦ୍ରା ସହିତ ସାମିଲ ହେବା- ଓଡ଼ିଶା ସମୃଦ୍ଧିର ମଙ୍ଗ ଧରିବା’ ବାର୍ତା ନେଇକରି ଆଏଜ୍ ରାଜ୍ୟର୍ ସବୁ ପଂଚାୟତ୍ ନ ସୁଭଦ୍ରା ପଦଯାତ୍ରା ଆୟୋଜିତ୍ ହେଇଛେ । ରାଜ୍ୟର୍ ସବୁ ଯୋଗ୍ୟ ମହିଳାଙ୍କୁ ସୁଭଦ୍ରା ଯୋଜ୍‌ନାଥି ସାମିଲ୍ କର୍‌ବାର୍

ଇତାର୍ ଲକ୍ଷ୍ୟ । ଭୁବ୍‌ନେଶ୍ୱର୍‌ର ଖଣ୍ଡଗିରିଠାନୁ ଇ ପଦଯାତ୍ରା ମୁଲ୍ ହେଇଥିଲା । ସୁଭଦ୍ରା ଯୋଜ୍‌ନାନୁ ଲାଭ୍ ପାଇଥିବା ପାଖାପାଖି ୩ ଶହ ନୁ ଅଏତ୍‌କା ମହିଲା ହିତାଧିକାରୀ ପଦଯାତ୍ରାଥି ସାମିଲ୍ ହେଇଥିଲେ । ଶୋଭାଯାତ୍ରାଥି ଏକାମ୍ର ବିଧାୟକ୍ ବାବୁ ସିଂ ଆର୍ ଭୁବ୍‌ନେଶ୍ୱର୍ ମେୟର୍ ସୁଲୋଚନା ଦାସ ପ୍ରମୁଖ ଯୋଗ୍ ଦେଇଥିଲେ ।

ପ୍ରଧାନ୍‌ମନ୍ତ୍ରୀ-ମନ୍ତ୍ରୀମଣ୍ଡଲ୍ ବୈଠକ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଲ୍‌ର ବୈଠକ୍‌ଥି ପଶୁଧନ ସ୍ୱାସ୍ଥ୍ୟ ଆର୍ ରୋଗ୍ ନିୟନ୍ତ୍ରଣ୍ କାର୍ଯ୍ୟକ୍ରମ୍‌ର ସଂଶୋଧନ୍‌କେ ମଞ୍ଜୁରୀ ମିଳିଛେ । ଇ ଯୋଜ୍‌ନାର୍ ୩ ଟା ଉପାଦାନ୍ ରହିଛେ । ଯେନ୍‌ଥି ପଶୁରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ୍- ଏଲଏଚ୍ ଏଣ୍ଡ ଡିସି ଆର୍ ପଶୁ ଔଷଧି ସାମିଲ୍ ହେଇଛେ । ପଶୁ ଔଷଧ ଏଲ୍‌ଏଚ୍‌ଡିପିସି ଯୋଜ୍‌ନାଥି ଜୁଡ଼ା ହେଇଥିବାର୍ ନୂଆଁ ଉପାଦାନ୍ ଆଏ ।

ଗ୍ରାମ୍ ପଂଚାୟତ୍ ମୋଡ୍ହେଲ୍ ପିଆଇବି

ପଂଚାୟତ୍‌ରାଜ୍ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର୍ ଏସ୍.ପି. ସିଂ ବାଘେଲ୍ ଆର୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ଆଏଜ୍ ନୂଆଦିଲ୍ଲୀ ଠାନେ ପଂଚାୟତିରାଜ୍ ମନ୍ତ୍ରଣାଲୟ ତର୍ଫୁ ହେଇଥିବା ମହିଲା ଅନୁକୂଳ ଗ୍ରାମ୍ ପଂଚାୟତ୍ ମୋଡ୍ହେଲ୍‌ର ଶୁଭାରମ୍ଭ କରିଛନ୍ । ଫିଂ' ଜିଲ୍ଲା ନ ଗୁଟେ ଲେଖା ମହିଲା ଅନୁକୁଳ ଗ୍ରାମ୍ ପଂଚାୟତ୍ ଥାପ୍‌ନା କର୍‌ବାର୍ ମନ୍ତ୍ରଣାଳୟର୍ ଲକ୍ଷ୍ୟ ରହିଛେ । ଲିଙ୍ଗଗତ ସମ୍ବେଦନଶୀଳତା ଆଉ ବାଲିକା ଅନୁକୂଳ ଶାସନ୍ ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ଦିଗେ ଇ ପଦକ୍ଷେପ୍ ସାହାଜ୍ କର୍‌ବା ବଲି କୁହାଯାଇଛେ । ଆନ୍ତର୍ଜାତିକ ମହିଲା ଦିବସ୍ ପାଲନ୍ ଆଘୋନୁ ମନ୍ତ୍ରଣାଲୟ ତର୍ଫୁ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ ।

ବିଜୁ ପଟ୍ଟନାୟକ ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରବାଦ ପୁରୁଷ ଆଉ ଆଘର୍ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ୧୦୯ ନମ୍ବର ଜୟନ୍ତୀ ଆଏଜ୍ ରାଜ୍ୟର୍ ଭିନ୍ ଭିନ୍ ଜାଗାନ ପାଲନ୍ କରାଯାଉଛେ । ଭୁବନେଶ୍ୱର ଜୟଦେବ

ଭବନଠାନେ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଇଛେନ୍ ଚାଲିଛେ । ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖିଆ କୁନୁଆ ଭାବେ ଯୋଗ୍ ଦେଇଛନ୍ । ଇ ଅବ୍ସରେ ବିଜୁ ପଟ୍ଟନାୟକଙ୍କର ଜୀବନୀ ଉପ୍ରେ ଆଧାରିତ୍ ଗୁଟେ ଫଟୋଚିତ୍ର ପ୍ରଦର୍ଶନୀ ଭିଲ୍ ଆୟୋଜିତ୍ ହେଇଛେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି- ଓଡ଼ିଶାର୍ ବିକାଶ ଆର୍ ଲୋକଙ୍କର୍ ସଶକ୍ତୀକରଣ ଦିଗେ ବିଜୁ ପଟ୍ଟନାୟକଙ୍କର ଅବାଦନ ସବୁଦିନ ସୁର୍ତା ହେଇ ରହେବା ବଲି ତାଙ୍କର ଜୟନ୍ତୀ ଅବ୍ସରେ ଗଣମାଧମ୍ ଜରିଏ କହିଛନ୍ । ବିଜୁ ପଟ୍ଟନାୟକ ଗଣତାନ୍ତ୍ରିକ୍ ଆଦର୍ଶକେ ପାଲନ୍ କରୁଥିଲେ ଆଉ ଜରୁରୀକାଳୀନ ଥିତିକେ ଜବର୍ ବିରୋଧ୍ କରିଥିଲେ ବଲି ତାଙ୍କର ଜୟନ୍ତୀ ଅବ୍ସରେ ଶ୍ରୀ ମୋଦି କହିଛନ୍ ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ବିଜୁ ପଟ୍ଟନାୟକଙ୍କୁ ଆଏଜ୍ ଜୟନ୍ତୀ ଅବ୍ସରେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ବିଧାନସଭା ପରିସର୍ନ ଥିବା ବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତିଥି ଶ୍ରଦ୍ଧାସୁମନ୍ ଅର୍ପଣ କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍.....

(ଭଏସ୍ ଓଭର୍--- ମୁଖ୍ୟମନ୍ତ୍ରୀ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜୁ ପଟ୍ଟନାୟକଙ୍କୁ ସ୍ମରଣ କର୍‌ବାର୍ ସହେତେ ଶ୍ରଦ୍ଧାଞ୍ଜଳି ଜନେଇଛନ୍ ।

ସୁବର୍ଣ୍ଣପୁର ଜିଲ୍ଲାର ଭିନ୍ ଭିନ୍ ସାମାଜିକ୍ ଅନୁଷ୍ଠାନ ଆଉ ଜିଲ୍ଲା ବିଜୁ ଜନତା ଦଳ ତର୍‌ଫୁ ସୋନପୁର, ବୀରମହାରାଜପୁର, ବିନିକା ଆଉ ତର୍‌ଭାଠାନେ ଥିବା ବିଜୁ ପଟ୍ଟନାୟକଙ୍କର ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଳି ଦିଆଯାଇଛେ । ସେନ୍ତା ବୌଦ୍ଧ ବିଜୁ ପଟ୍ଟନାୟକ ଛକ୍‌ଠାନେ ଜିଲ୍ଲା ପ୍ରଶାସନ୍ ଆଉ ଭିନ୍ ଭିନ୍ ଅନୁଷ୍ଠାନ୍ ତର୍‌ଫୁ ତାଙ୍କର ପ୍ରତିମୂର୍ତିଥି ମାଲ୍ୟାର୍ପଣ କରାଯାଇଛେ । ସହରର୍ ଭିନ୍ ଭିନ୍ ସାମାଜିକ୍ ଅନୁଷ୍ଠାନ୍ ଆଉ ଜିଲ୍ଲା ବିଜୁ ଜନ୍‌ତା ଦଲ୍ ତର୍‌ଫୁ ଭିଲ୍ ବିଜୁ ପଟ୍ଟନାୟକ୍ ଜୟନ୍ତୀ ପାଲନ୍ କରାଯାଇଥିଲା ।

ସୁଭଦ୍ରା ଶକ୍ତି ମେଳା/ରାଲି     ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ତର୍‌ଫୁ ସହରର୍ ପିଏଚ୍‌ଡି ପଡ଼ିଆଠାନେ ଆଏଜ୍ ବେଲ୍‌ବୁଡୁ ସୁଭଦ୍ରା ଶକ୍ତି ମେଳା ୨୦୨୫ ମୁଲ୍ ହଉଛେ । ଇ ଅବ୍‌ସରେ ରାଏଜର ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା ମହିଳା ସ୍ୱୟଂ ସହାୟକ୍ ଗୋଷ୍ଠୀମାନଙ୍କର ଉତ୍ପାଦିତ୍ ଭିନ୍ ଭିନ୍ ଦରବ୍ ପ୍ରଦର୍ଶିତ୍ ଆଉ ବିକ୍ରିବଟା ମୁଲ୍ ହେଇଛେ । ଇ ମେଳା ଆଏବା ୧୧

ତାରିଖ୍‌ତକ୍ ଚାଲ୍‌ବା । ଇତାର୍‌ଛଡ଼ା ଫିଁ ଦିନ ସଂଜବେଲେ ସାଂସ୍କୃତିକ କାର୍ଯ୍ୟକ୍ରମ୍‌ମାନ ଭିଲ୍ ହଉଛେ ।

ସେଆଡ଼େ ସମ୍ବଲପୁର ମହାନଗର ନିଗମ୍ ତର୍‌ଫୁ ଆଏଜ୍ ଉପର୍‌ବେଲା ସୁଭଦ୍ରା ଶୋଭାଯାତ୍ରା ହେଇଯାଇଛେ । ଶୋଭାଯାତ୍ରାଥି ଶହେ ଝନ୍ ସୁଭଦ୍ରା ହିତାଧିକାରୀ ଯୋଗ୍ ଦେଇଥିଲେ । ଶୋଭାଯାତ୍ରା ନେଲ୍‌ସନ୍ ମଣ୍ଡେଲା ଛକ୍‌ନୁ ବାହାରି କରି ଗୋଲ୍‌ବଜାର ଛକ୍ ହେଇକରି ସମ୍ବଲପୁର୍ ପୁର୍‌ନା ମୁନ୍‌ସିପାଲ୍‌ଟି କାର୍ଯ୍ୟାଳୟ ତକ୍ ଯାଇଥିଲା । ଇଥି ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କ ସହେତ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

## ଶ୍ରୀମନ୍ଦିର୍ ଛତିଶା ନିଯୋଗ୍ ବୈଠକ୍      ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ଛତିଶା ନିଯୋଗ୍ ବୈଠକ୍ ଆଏବା କାଏଲ୍ ହେବା । ବେଲ୍‌ବୁଡ଼ର ୫ ବଜେ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ପରିସର୍ ନ ଇ ବୈଠକ୍ ହେବା । ଆଏବା ୧୩ ଆର୍ ୧୪ ତାରିଖ୍ ଦିନ ହେବାର୍‌କେ ଥିବା ମେଣ୍ଢାପୋଡ଼ି ଆର୍ ଦୋଳପୂର୍ଣ୍ଣିମା ଲାଗି ନୀତି ନିର୍ଘଂଟ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେବା । ସେନ୍ତା ରତ୍ନଭଣ୍ଡାର୍ ମରାମତି କାମ୍‌ର ଅଗ୍ରଗତି ଆଉ ନାଟମଣ୍ଡପ୍‌ର ନୂଆଁ ଦର୍ଶନ୍ ବ୍ୟବସ୍ଥା

ବାବ୍‌ଦେ ଭିଲ୍ ବୈଠକ୍‌ଥି ଆଲୋଚନା କରାଯିବା । ସେଆଡ଼େ ଶ୍ରୀଜୀଉଙ୍କର୍ ବନକଲାଗି ନୀତି ଲାଗି ଆଏଜ୍ ବେଲ୍‌ବୁଡ଼ର ୫ ବଜେନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହିଛେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମହିଳା ଦିବସ ଆର୍‌ଏନ୍‌ୟୁ/ସମ୍ବଲପୁର ସୁବର୍ଣ୍ଣପୁର ସମ୍ବାଦଦାତା

ପୁରୁଷ୍ ପ୍ରଧାନ୍ ମାନ୍‌ସିକ୍‌ତାଠାନୁ ଆଗ୍‌କେ ବଢ଼ିକରି ଆଏଜ୍ ସମାଜର୍ ସବୁକ୍ଷେତ୍ରଥି ମହିଳାମାନେ ପୁରୁଷ୍‌ମାନଙ୍କର ସାଙ୍ଗେ ଆଗ୍‌କେ ବଢୁଛନ୍ । ଯୁଦ୍ଧ ବିମାନ୍ ଉଡ଼ାବାର୍‌ଠାନୁ ମୁଲ୍ କରି କରି ରେଲ୍‌ଗାଡ଼ି ଚଲାବାର୍ ତକ୍ ସବୁ କ୍ଷେତ୍ରଥି ସେମାନଙ୍କୁ ଆଗାଡ଼େ ଦେଖ୍‌ବାର୍‌କେ ମିଲୁଛେ । ଆଏଜ୍ ପୁର୍‌ଥିନ ମହିଳାମାନେ କେତ୍‌ନିକେତେ କମ୍ପାନୀର୍ ନେତୃତ୍ୱ ଭିଲ୍ ନଉଛନ୍ । ମହିଳାମାନଙ୍କର୍ ଅଦମ୍ୟ ଶକ୍ତିକେ ଶୁର୍‌ତା କରି କରି ସେମାନଙ୍କ ଉତ୍ସାହକେ ତହଁକାବାର୍ ଲାଗି ଫି ବଛର ମାର୍ଚ୍ଚ ୮ ତାରିଖ ଦିନ ସାରା ପୁର୍‌ଥିନ ଅନ୍ତର୍ଜାତୀୟ ମହିଳା ଦିବସ୍ ପାଳନ୍ କରାଯାଉଛେ । ଇ ଅବ୍‌ସରେ ସୁବର୍ଣ୍ଣପୁର ଜିଲ୍ଲା ସୁବର୍ଣ୍ଣା ନାରୀ

ଜାଗରଣ କେନ୍ଦ୍ରର୍ ଅଧକ୍ଷା ପ୍ରାଧାପିକା ମୀନା ମହାରଣା ତାଙ୍କର ଅନୁଭୂତି ଆମର ସାଙ୍ଗେ ବାଂଟିକରି କହିଛନ୍...
(ଭଏସ୍ ଓଭର---- ମୀନା ମହାରଣା)

ଆଇଆଇଏମ୍ସିନ ନାଁ ଲେଖା ମୁଲ୍-ପିଆଇବି

ଭାରତୀୟ ଜନସଂଚାର ସଂସ୍ଥାନ୍-ଆଇଆଇଏମ୍ସି ଢେଙ୍କାନାଲଠାନେ ଓଡ଼ିଆ ସାମ୍ବାଦିକତା ସ୍ନାତକୋତର ଡିପ୍ଲୋମା ପାଠ୍ୟକ୍ରମ୍ଥି ନାଁ ଲେଖାବାର୍ ପ୍ରକ୍ରିୟା ମାର୍ଚ୍ଚ ୩ ତାରିଖ୍ନୁ ମୁଲ୍ ହେଇଛେ । ଆଶାୟୀ ଛାତ୍ରଛାତ୍ରୀ ନାଁ ଲେଖାବାର୍କେ ଉଭେ ଅନ୍ଲାଇନ୍ ଆଉ ଅଫ୍ଲାଇନ୍ ଜରିଏ ଆବେଦନ୍ କରିପାର୍ବେ । ଆବେଦନ କର୍ବାର ଶେଷ୍ ଦିନ ଏପ୍ରିଲ ୩୦ ତାରିଖ ଆଉ ଇଥିର୍ଲାଗି ପ୍ରବେଶିକା ପରୀକ୍ଷା ମେ ୧୮ ତାରିଖ ରାଏଜର୍ ୫ଟା ସହରେ ହେବା ବଲି ଆଇଆଇଏମ୍ସି ଢେଙ୍କାନାଲର ଆଂଚଲିକ୍ ନିର୍ଦ୍ଦେଶକ୍ ଡକ୍ଟର ଆନନ୍ଦ ପ୍ରଧାନ କହିଛନ୍ ।

ଜିଲ୍ଲାସ୍ତରୀୟ ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଯୋଗୀନ୍ଦ୍ରଦେବ୍ ହାଇସ୍କୁଲ୍ ସେଂଟିନାରୀ ହଲ୍ ଠାନେ ଜିଲ୍ଲାସ୍ତରୀୟ ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ୍ ବାବଦ୍ ପ୍ରସ୍ତୁତି ଆଉ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାଶିକ୍ଷା ଅଧିକାରୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍ଥି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ଦାସ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ଆଏବା ଏପ୍ରିଲ୍ ୧ ତାରିଖ୍ନୁ ଜିଲ୍ଲା ନ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ମୁଲ୍ ହେଇକରି ବ୍ୟାପକ୍ ସଚେତନତା ସୃଷ୍ଟି କର୍ବା ବଲି ବୈଠକ୍ଥି ଆଲୋଚନା ହେଇଛେ ।

କୃଷକ୍ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର ସହକାରୀ ଉଦ୍ୟାନ କୃଷି କାର୍ଯ୍ୟାଳୟର ତାଲିମ୍ କକ୍ଷ ଠାନେ କୃଷକ୍ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଉଦ୍ୟାନ୍ ଚାଷ୍ କରିକରି ଚାଷୀମାନେ କେନ୍ତା ଲାଭ୍ ପାଇପାର୍ବେ । ସେ ବାବ୍ଦେ ବୈଷୟିକ ଅଧିକାରୀମାନେ ପ୍ରଶିକ୍ଷଣ୍ ଦେଇଥିଲେ । କାର୍ଯ୍ୟକ୍ରମ୍ଥି ବହୁତ୍ ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର୍ ସଦସ୍ୟମାନେ ଯୋଗ୍ ଦେଇଥିଲେ ।

ଖଡ଼ିଆଲ୍ ଲୋକଦୃଷ୍ଟି କଲେଜ ବାର୍ଷିକ ଉତ୍ସବ  ନୂଆପଡ଼ା

ନୂଆପଡ଼ା ଜିଲ୍ଲା ନ ଖଡ଼ିଆଲ୍ ଲୋକଦୃଷ୍ଟି କଲେଜର ୧୭ ନମ୍ବର୍ ବାର୍ଷିକ ଉତ୍ସବ୍ ପାଲିତ ହେଇଯାଇଛେ । ଉତ୍ସବ୍‌ଥି ବିଧାୟକ ଅଧିରାଜ୍ ପାଣିଗ୍ରାହୀ ଯୋଗ୍ ଦେଇକରି ଶିକ୍ଷାଦାନ୍ ବ୍ୟବସ୍ଥା ଥି ଅନୁଷ୍ଠାନ୍ ଗୁଟେ ମୁଖିଆ ଭୂମିକା ଗ୍ରହଣ୍ କରୁଛେ ବଲି କହିଛନ୍ । କମ୍ପ୍ୟୁଟର୍ ଆଉ ବିଜ୍ଞାନ୍ ଶିକ୍ଷା କ୍ଷେତ୍ରଥି ଅନୁଷ୍ଠାନ୍‌ର ବହୁତ୍‌ଟେ ଅବଦାନ୍ ରହିଛେ ବଲି ବିଧାୟକ୍ ଶ୍ରୀ ପାଣିଗ୍ରାହୀ କହିଛନ୍ ।

ଡିଏସ୍ କପ୍ ବୌଦ୍ଧ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଜିଲ୍ଲା ଫୁଟ୍‌ବଲ୍ ଆସୋସିଏସନ୍ ତର୍‌ଫୁ ବୌଦ୍ଧ ନ ଚାଲିଥିବା ଡିଏସ୍ କପ୍ ଫୁଟ୍‌ବଲ୍ ଟୁର୍ନାମେଂଟ୍‌ର ପହେଲା ସେମି ଫାଇନାଲ୍ ମେଚ୍‌ଥି ଆଏଜ୍ ବରଗଡ଼ ଦଲ୍‌କେ ହରେଇ କରି ଏମ୍‌ଇଜି ସେଂଟରା ବାଙ୍ଗାଲୋର୍ ଦଲ୍ ଫାଇନାଲ୍‌କେ ପୁହୁଁଚିଛେ । ଆଝିରର୍ ଖେଲ୍‌ଥି ଧାରିଜ୍ ସମିଆ ଭିତ୍‌ରେ ଦୁହି ଦଲ୍ ୧-୧ ଗୋଲ୍ ଦେଇଥିଲେ । ସେଥିର୍‌ଲାଗି

ଟାଇବ୍ରେକର୍‌ର ସାହାଜ୍ ନିଆଯାଇଥିଲା । ପେନାଲ୍‌ଟି ଶୁଟ୍ ଜରିଏ ବାଙ୍ଗାଲୋର୍ ଦଲ୍ ୫-୩ ଗୋଲ୍‌ଥି ବର୍‌ଗଡ଼୍‌କେ ହରେଇଛେ । ଆଏବାକାଏଲ୍ କଟକ ଆଉ ଛତିଶଗଡ଼୍ ଦଲ୍ ଭିତ୍‌ରେ ୨ ନମ୍ବର ସେମି ଫାଇନାଲ୍ ମେଚ୍ ଖେଲାଯିବା ।

ପାଣିପାଗ- ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨୪ ଘଂଟା ଭିତ୍‌ରେ ପାଗ୍ ଶୁଖା ରହେବା । ୩ ଦିନ୍ ଉତ୍‌ରୁ ଦିନର୍ ତାପମାତ୍ର ୨ରୁ ୩ ଡିଗ୍ରୀ ତକ୍ ବଢ଼୍‌ବା । ହେଲେ ରାତିର୍ ତାପମାତ୍ରା ନାଇ ବଦ୍‌ଲେ ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ପୂର୍ବାନୁମାନ୍ କରାଯାଇଛେ । ଆଏଜ୍ ରାଏଜର୍ ସବୁନୁ ସବୁନୁ ଜହ ତାତି ବୌଦ୍ଧ ନ ୩୮ ଦଶମିକ୍ ୮ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛେ ।